# NATIONAL NEWS BULLETIN (ODIA)
## 13 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି ଘରୋଇ ଉପଭୋକ୍ତାଙ୍କ ଲାଗି ଶତପ୍ରତିଶତ ଏଲ୍.ପି.ଜି. ଯୋଗାଣ ସୁନିଶ୍ଚିତ କରାଯାଇଛି ବୋଲି ସରକାରଙ୍କ ସ୍ପଷ୍ଟୋକ୍ତି ।
- ୧୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ରର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ବିଶିଷ୍ଟ ଗାୟିକା ଆଶା ଭୋସଲେଙ୍କର ଶେଷକୃତ୍ୟ ମୁମ୍ବାଇରେ ହେଲା ସମ୍ପନ୍ନ ।
- ମହାରାଷ୍ଟ୍ରର ଗୋଭିଲି ଗ୍ରାମରେ ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କର ପ୍ରାଣହାନୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଭେଟିବ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ।

# ଇଣ୍ଟର ମିନିଷ୍ଟ୍ରିଆଲ୍ ବ୍ରିଫିଙ୍ଗ୍

ଦେଶ ବ୍ୟାପି ଘରୋଇ ଉପଭୋକ୍ତାଙ୍କ ଲାଗି ଶତପ୍ରତିଶତ ଏଲ୍.ପି.ଜି. ଯୋଗାଣ ସରକାର ସୁନିଶ୍ଚିତ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶର କୌଣସି ଏଲ୍.ପି.ଜି. ବିତରଣକାରୀଙ୍କ ନିକଟରେ ଏହାର ଅଭାବ ପରିଲକ୍ଷିତ ହୋଇଥିବା ଖବର ଏ ପର୍ଯ୍ୟନ୍ତ ସରକାରଙ୍କର ହସ୍ତଗତ ହୋଇନାହିଁ । କୌଣସି ପ୍ରକାର ବାଟମାରଣାକୁ ରୋକିବା ଲାଗି ଓ.ଟି.ପି. ଭିତ୍ତିକ ଘରୋଇ ଏଲ୍.ପି.ଜି. ଯୋଗାଣ ପ୍ରକ୍ରିୟା ଦେଶରେ ସ୍ୱାଭାବିକ ରହିଛି ।

ସେହିଭଳି ଦେଶରେ ବ୍ୟବସାୟିକ ଏଲ୍.ପି.ଜି. ଯୋଗାଣ ପ୍ରାୟ ୭୦ ପ୍ରତିଶତ ସ୍ୱାଭାବିକ ହୋଇଥିବା ଶ୍ରୀମତୀ ଶର୍ମା କହିଛନ୍ତି । ସେ କହିଛନ୍ତି, ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ଦେଶରେ ଯେଭଳି ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ନ ହୁଏ ସେଥିଲାଗି ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଗତ ମାସ ୧୪ ତାରିଖରୁ ଆଜି ପର୍ଯ୍ୟନ୍ତ ଦେଶ ବ୍ୟାପି ୧ ଲକ୍ଷ ୮୨ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ବ୍ୟାବସାୟିକ ଏଲ୍.ପି.ଜି. ବିକ୍ରି ହୋଇଥିବା ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି ।

**VO-SUJATA-SHARMA**

ଏହି ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଭାରିଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ଆନିଫ୍ କ୍ୟୁରେସି କହିଛନ୍ତି, ପ୍ରଧାନମନ୍ତ୍ରୀ ବୈଦ୍ୟୁତିକ ଯାନ ଅଭିଯାନ ଅଧୀନରେ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ସରକାର ୩ ଚକିଆ ବୈଦ୍ୟୁତିକ ଯାନ ଉପରେ ରିହାତି ପ୍ରଦାନ ଅବଧିକୁ ବୃଦ୍ଧି କରିଛନ୍ତି । ଏତଦ୍‌ବ୍ୟତୀତ ୨ ଚକିଆ ବୈଦ୍ୟୁତିକ ଯାନ ଲାଗି ରିହାତି ପ୍ରଦାନ ଅବଧି ୩ ମାସ ବୃଦ୍ଧି କରାଯାଇ ଆସନ୍ତା ଜୁଲାଇ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ପଶ୍ଚିମ ଏସିଆ ଦ୍ୱନ୍ଦ୍ୱ ଯୋଗୁଁ ଏ କ୍ଷେତ୍ରରେ ଯେଭଳି ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ନ ହୁଏ ସେଥିଲାଗି ସରକାର ଟ୍ରକ୍ ଓ ବସ୍ ଲାଗି ମଧ୍ୟ ଆବଶ୍ୟକ ପଦକ୍ଷେପ ନେଇଛନ୍ତି ବୋଲି ଡକ୍ଟର କ୍ୟୁରେସି କହିଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ପାରଶ୍ୟ ଉପତ୍ୟକା ଅଞ୍ଚଳରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ତ୍ରିରଙ୍ଗା ଧ୍ୱଜାଧାରୀ ଭାରତୀୟ ଜାହାଜ ସହିତ କୌଣସି ଅଘଟଣ ହୋଇନାହିଁ । ତ୍ରିରଙ୍ଗା ଧ୍ୱଜାଧାରୀ ଭାରତୀୟ ଜାହାଜ ଜାଗ୍ ବିକ୍ରମ୍ ୨୦ ହଜାର ୪୦୦ ମେଟ୍ରିକ୍ ଟନ୍ ଏଲ୍.ପି.ଜି. ବହନ କରି ଆସନ୍ତାକାଲି କାଣ୍ଡଲା ବନ୍ଦରରେ ପହଞ୍ଚିବାର ଆଶା କରାଯାଉଛି ।

ସେଥିରେ ୨୪ ଜଣ ନାବିକ ମଧ୍ୟ ଆସୁଛନ୍ତି ବୋଲି ଶ୍ରୀ ମଙ୍ଗଲ ସୂଚନା ଦେଇଛନ୍ତି ।

ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ସତ୍ତ୍ୱେ ଉପସାଗରୀୟ ଦେଶଗୁଡ଼ିକରେ ଭାରତ ନିଜର ସ୍ଥିତିକୁ ସଶକ୍ତ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେ କହିଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଇତି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ କରି ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ୍ ଆଲ୍ ନାହ୍ୟାନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସେଠାରେ ଥିବା ଭାରତୀୟମାନଙ୍କର ସୁରକ୍ଷା ସୁନିଶ୍ଚିତ ହୋଇଥିବାରୁ ଡକ୍ଟର ଜୟଶଙ୍କର ରାଷ୍ଟ୍ରପତି ଅଲ୍ ନାହ୍ୟାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପିଏମ୍-ୟୁପି ୟୁକେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ରର ଶୁଭାରମ୍ଭ କରିବେ । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ ଗସ୍ତ କରିବା ଅବସରରେ ସେ ଡେରାଡୁନ୍ ନିକଟସ୍ଥ ମା’ ଦାଟ୍ କାଳିଙ୍କ ମଧ୍ୟରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଆସନ୍ତାକାଲି ଶୁଭାରମ୍ଭ ହେଉଥିବା ଏହି ୨୧୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୬ ଥାକିଆ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ର ଲାଗି ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାଦ୍ୱାରା ଦିଲ୍ଲୀ-ଡେରାଡୁନ୍ ମଧ୍ୟରେ ଗମନାଗମନ ସମୟ ୬ ଘଣ୍ଟାରୁ ହ୍ରାସ ପାଇ ଅଢ଼େଇ ଘଣ୍ଟା ହେବ ବୋଲି କୁହାଯାଇଛି ।

## ଟିଏନ୍-ଡବ୍ଲ୍ୟୁବି ଇଲେକ୍ସନ୍

ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଆସନ୍ତା ୨୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୧୫୨ଟି ଏବଂ ଏକକ ପର୍ଯ୍ୟାୟରେ ତାମିଲନାଡୁର ୨୩୪ଟି ବିଧାନସଭା ଆସନ ଲାଗି ଭୋଟଗ୍ରହଣ କରାଯିବ । ଏଥିଲାଗି ବିଜେପି, କଂଗ୍ରେସ, ତୃଣମୂଳ କଂଗ୍ରେସ, ଡି.ଏମ୍.କେ. ଆଦି ପ୍ରମୁଖ ଦଳର ନେତୃବୃନ୍ଦ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ, ରୋଡ୍ ଶୋ’ ତଥା ଘରକୁ ଘର ବୁଲି ପ୍ରଚାର କରୁଛନ୍ତି ।

# ପିଏମ୍‌-ତାମିଲନାଡୁ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁରେ 'ମେରା ବୁଥ୍‌ ସବ୍‌ସେ ମଜବୁତ୍‌ ସମ୍ବାଦ' ଅଧୀନରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଭାବବିନିମୟ କରିଛନ୍ତି । ଆଭାସୀ ଜରିଆରେ ହୋଇଥିବା ଏହି ଆଲୋଚନା ସମୟରେ ଶ୍ରୀ ମୋଦୀ କହିଛନ୍ତି, ତାମିଲନାଡୁ ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ପରିବେଶ ସୃଷ୍ଟି ହେବାର ପରିଲକ୍ଷିତ ହେଉଛି । ରାଜ୍ୟରେ କ୍ଷମତା ପରିବର୍ତ୍ତନ କରି ବିଜେପି ଓ ଏନ୍‌.ଡି.ଏ.କୁ ଶାସନ ହସ୍ତାନ୍ତର କରିବା ଲାଗି ରାଜ୍ୟବାସୀ ଆଗ୍ରହୀ ଥିବା ଶ୍ରୀ ମୋଦୀ କହିଛନ୍ତି । କେନ୍ଦ୍ରରେ ଏନ୍‌.ଡି.ଏ. ସରକାର କ୍ଷମତାକୁ ଆସିବା ପରେ ତାମିଲନାଡୁର ସାମଗ୍ରୀକ ବିକାଶ ଲାଗି ରେଳବାଇ, ରାଜପଥ, ବନ୍ଦର ଏବଂ ବିମାନ ବନ୍ଦର ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି । ବିଶେଷ କରି ରାଜ୍ୟର ରାଜ୍ୟବାସୀଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରୀକରଣ କରାଯିବା ସହିତ ମଧ୍ୟବିତ ପରିବାରଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ପ୍ରମୁଖ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି **।VO-1-PM-MODI-TAMIL-NADU**

# ଓ୍ୱେଷ୍ଟବେଙ୍ଗଲ-ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗ ଗସ୍ତ କରି ବୀର୍‌ଭୂମ୍‌ଠାରେ ଦଳୀୟ ପ୍ରାର୍ଥିଙ୍କ ସପକ୍ଷରେ ଏକ ଜନସମାବେଶକୁ ଉଦ୍‌ବୋଧନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା ରାଜ୍ୟର ବିକାଶ ଦିଗରେ ତୃଣମୂଳ କଂଗ୍ରେସର ବିଫଳତା ଉପରେ ଆଲୋକପାତ କରିବା ସହିତ ଏହି ଦଳ ବିଭିନ୍ନ ପ୍ରକାର ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି । ଆଗାମୀ ନିର୍ବାଚନରେ ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ଶପଥଗ୍ରହଣର ୪୫ ଦିନ ମଧ୍ୟରେ ପଶ୍ଚିମବଙ୍ଗର ସମ୍ପୂର୍ଣ୍ଣ ସୀମାରେ ତାରବାଡ଼ ଲଗାଯିବାର କାର୍ଯ୍ୟ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରିଛନ୍ତି ।

**VO-2--AMIT-SHAH-FENCING**

ଇତିମଧ୍ୟରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୀର୍‌ଭୂମ୍‌ଠାରେ ତୃଣମୂଳ ପ୍ରାର୍ଥୀଙ୍କ ସପକ୍ଷରେ ଆୟୋଜିତ ଅନ୍ୟ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ରାଜ୍ୟର ଇତିହାସକୁ ପରିବର୍ତ୍ତନ କରିବା ଲାଗି ବିଜେପି ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛନ୍ତି ।

ସେହିଭଳି ସି.ପି.ଆଇ.ଏମ୍. ଏବଂ କଂଗ୍ରେସ ପ୍ରାର୍ଥୀମାନେ ମଧ୍ଯ ଘରକୁ ଘର ବୁଲିବା ସହ ବିଭିନ୍ନ ସ୍ଥାନରେ ଜନସମାବେଶ କରି ଭୋଟରମାନଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ପ୍ରଚାର କରିବା ଲାଗି ଆସନ୍ତାକାଲି ପଶ୍ଚିମବଙ୍ଗ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

## କଂଗ୍ରେସ୍-ଜେଡିୟୁ-ଏଲ୍‌ଜେପି-ହ୍ୱିପ୍

ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ଆଲୋଚନା କରିବା ଲାଗି ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ନିଜ ନିଜ ଦଳର ସାଂସଦମାନଙ୍କ ଉଦ୍ଦେଶ୍ୟରେ କଂଗ୍ରେସ, ଜନତାଦଳ ସଂଯୁକ୍ତ ଏବଂ ଜନଶକ୍ତି ପାର୍ଟି-ରାମବିଲାସ' ତିନିଧାଡ଼ି ବିଶିଷ୍ଟ ହ୍ୱିପ୍ ଜାରି କରିଛନ୍ତି । ସଂସଦର ଏହି ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ ରହି ନିଜ ନିଜ ଦଳକୁ ସମର୍ଥନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ବିଜେପି ପକ୍ଷରୁ ମଧ୍ଯ ନିଜ ସାଂସଦମାନଙ୍କ ଉଦ୍ଦେଶ୍ୟରେ ଅନୁରୂପ ହ୍ୱିପ୍ ଜାରି କରାଯାଇସାରିଛି ।

# ଆଶା ଭୋସଲେ

ବିଶିଷ୍ଟ ଗାୟିକା ଆଶା ଭୋସଲେଙ୍କର ଶେଷ କୃତ୍ୟ ଆଜି ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନଘାଟରେ ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବଲିଉଡ୍‌ର ବିଭିନ୍ନ କଳାକାର ତଥା ଖେଳାଳି ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଠାଇଥିବା ଫୁଲମାଳ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଏହି  ମହାନ କଳାକାରଙ୍କୁ ସମର୍ପଣ କରିଥିଲେ । ରାଜ୍ୟର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ଓ ଏକନାଥ ସିନ୍ଧେଙ୍କ ସମେତ କ୍ୟାବିନେଟ୍ ମନ୍ତ୍ରୀଗଣ, ମୁମ୍ବାଇ ମେୟର ରତୁ ତାୱଡେ, ଏମ୍.ଏନ୍.ଏସ୍. ମୁଖ୍ୟ ରାଜ ଥାକରେଙ୍କ ସମେତ ବଲିଉଡ୍‌ର ଅମିର ଖାନ୍, ସାନ୍, ହରିହରନ, ଭିକି କୌଶଲ, ପଦ୍ମିନୀ କୋଲାପୁରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶେଷକୃତ୍ୟ ସମ୍ପନ୍ନ ସମୟରେ ଉପସ୍ଥିତ ଥିଲେ । ଜାତୀୟ ପତାକାକୁ ଆଶା ଭୋସଲେଙ୍କ ଶରୀର ଉପରେ ଆଚ୍ଛାଦିତ କରାଯିବା ପରେ ସାମରିକ ଢଙ୍ଗରେ ଏହାକୁ ତାଙ୍କ ପୁତ୍ର ଆନନ୍ଦ ଭୋସଲେଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ଆନନ୍ଦ ମୁଖାଗ୍ନି ଦେଇଥିଲେ ।

# ମହା ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଥାନେ ଜିଲ୍ଲା ଅନ୍ତର୍ଗତ ଗୋଭିଲି ଗ୍ରାମର ରାଇତା ବ୍ରିଜ୍ ଉପରେ ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କର ପ୍ରାଣହାନୀ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ  ଏହି ବ୍ରିଜ୍ ଉପରେ ଗୋଟିଏ ଭ୍ୟାନ୍ ବିପରିତ ଦିଗରୁ ଆସୁଥିବା ସିମେଣ୍ଟ ମିକ୍ସଚର୍ ଗାଡ଼ି ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ହାଇଦ୍ରାବାଦସ୍ଥିତ ରାଜୀବଗାନ୍ଧୀ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।